# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟାଙ୍କର ଅନୁଗୋଳ ଗସ୍ତ ।

ଅନୁଗୋଳ,ତା.୧୭.୧୨:- ଜିଲ୍ଲାରେ ଚାଲୁଥିବା ଶିଶୁ ଯତ୍ନ ଅନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର ଓ ତଫସିଲଭୁକ୍ତ ଜନଜାତି ଓ ତଫସିଲଭୁକ୍ତ ଜାତିର ବିଦ୍ୟାଳୟଗୁଡିକରେ ରହୁଥିବା ଶିଶୁମାନଂକର ସୁବିଧା ଅସୁବିଧା ସମ୍ପର୍କରେ ଅବଗତ ହେବା ନିମନ୍ତେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଦିବ୍ୟା ଶାସ୍ୱତୀ ଆଜି ଅନୁଗୋଳ ଜିଲ୍ଲାକୁ ୨ ଦିନିଆ ଗସ୍ତରେ ଆସିଛନ୍ତି । ଆଦୃତା ଶିଶୁ ଗୃହକୁ ସଦସ୍ୟା ପରିଦର୍ଶନରେ ଯାଇ ପିଲାମାନଂକ ସହିତ ବାର୍ତ୍ତାଳାପ କରିବା ସହ ବିଭିନ୍ନ ରେକର୍ଡ ପତ୍ର ଯାଂଚ କରିଥିଲେ । ପିଲାମାନଂକୁ ଦିଆଯାଉଥିବା ଖାଦ୍ୟର ମାନକୁ ଯାଂଚ କରିବା ସହ କର୍ମକର୍ତ୍ତାଂକ ସହ ଶିଶୁ ଯତ୍ନ ଅନୁଷ୍ଠାନ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସଦସ୍ୟା ସର୍କିଟ ହାଉସ୍ ଠାରେ ବିଭାଗୀୟ କର୍ମକର୍ତ୍ତାଂକ ସହ ଜିଲ୍ଲାରେ ଚାଲୁଥିବା ୪ଟି ଶିଶୁ ଯତ୍ନ ଅନୁଷ୍ଠାନର ସଠିକ୍ ପରିଚାଳନା ସମ୍ପର୍କରେ ଅବଗତ ହୋଇଥିଲେ । ସଦସ୍ୟାଂକର ଏହି ଗସ୍ତରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଂକର ବେହେରା, ଶିଶୁ ମଂଗଳ କମିଟିର ଅଧ୍ୟକ୍ଷ ଶ୍ରୀ ସଂଜିବ କୁମାର କର , ଏଲ୍ ପି ଓ ଶ୍ରୀ ପ୍ରଦୀପ ନାୟକ, ଶିଶୁ ଯତ୍ନ ସୁରକ୍ଷା ଅଧିକାରିଣୀ ଝରଣା ନାୟକ ଙ୍କ ସମେତ ସମାଜ ମଂଗଳ ଓ ଜିଲ୍ଲା ମଂଗଳ ବିଭାଗର ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



